## ବିଲକୁ ଖସିଲା ପିକ୍ଅପ୍, ୫ ଆହାତ

ପୁରୁଷୋତ୍ତମପୁର: (ଡି.ଏନ.ଏ.)-ପୁରୁଷୋତ୍ତମପୁର ଥାନା ଚଢେୟାପଲ୍ଲୀ ଗ୍ରାମ ନିକଟରେ ମଙ୍ଗଳବାର ଏକ ପିକ୍ଅପ୍ ରାସ୍ତା ପାର୍ଶ୍ୱ ବିଲକୁ ଖସିପଡ଼ିବାରୁ ୫ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଆଙ୍ଗୁ ଗ୍ରାମର ନିରାକାର ଦାସ, ଦେବେନ୍ଦ୍ର ଦାସ, ବାରିକ ଦାସ, ନାରାୟଣ ଦାସ ଓ ମଦନମୋହନ ଦାସ। ଉପସ୍ଥିତ ଲୋକେ ଆହତଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ବେଢରୁ ଭୋଜିଖାଇ ଆହତମାନେ ନିଜ ଗ୍ରାମକୁ ଫେରିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ବିଲକୁ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ସଂକ୍ଷେପରେ

### ମୁଖ୍ୟ ରାସ୍ତାରେ କୁଢ଼ କୁଢ଼ ଅଳିଆ

ପାରଳାଖେମୁଣ୍ଡି,୬।୪(ଡି.ଏନ୍.ଏ.): ପାରଳାଖେମୁଣ୍ଡି ସହରର ମୁଖ୍ୟ ରାସ୍ତା ଗୋପିନୀ ସାହି କଲଭର୍ଟ ନିକଟରେ କୁଢ଼ କୁଢ଼ ଅଳିଆ ଗଦା ହୋଇଛି। ଏହା ଏକ ଜନଗହଳିପୂର୍ଣ୍ଣ ରାସ୍ତା ହୋଇଥିବାବେଳେ ଏଠାରେ ପାଣି ବୋତଲ, ପାଣି ପାଉଚ, ଜରି ଆଦି ପଡୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବହୁ ଛାତ୍ରୀଛାତ୍ର ସ୍କୁଲ ଯିବାଆସିବା କରନ୍ତି, କିନ୍ତୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନାହିଁ। ଏଭଳି ଆବର୍ଜନା ପଡ଼ିରହିଥିବାରୁ ମଶା ମାଛିଙ୍କ ବଂଶ ବିସ୍ତାର ହେଉଛି, ଫଳରେ ସେହି ସାହିରେ ଥିବା ଲୋକମାନେ ରୋଗାକ୍ରାନ୍ତ ହେବାର ସମ୍ଭାବନା ରହିଛି। ତେବେ ଏହା ତୁରନ୍ତ ସମାଧାନ କରିବାକୁ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।

### ଇ-ସେବା କେନ୍ଦ୍ର ଉଦ୍‌ଘାଟିତ

ଜି.ଉଦୟଗିରି,୬।୪(ଡି.ଏନ.ଏ.): ଜି.ଉଦୟଗିରି କୋର୍ଟ ପରିସରରେ ସୋମବାର ଇ-ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସଙ୍ଗୀତା ଦାସଙ୍କ ଦ୍ୱାରା ଏହି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ବେଳେ ବିଚାରପତି ପାୟଲ ଗୁପ୍ତା ଓ ଅନ୍ୟ କର୍ମଚାରୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଏହି ସେବା କେନ୍ଦ୍ର ଦ୍ୱାରା ଆଇନଜୀବୀମାନେ ଅନଲାଇନ ମାଧମରେ କେସ୍ ପଞ୍ଜୀକରଣ କରିପାରିବେ ବୋଲି ଜଣାପଡିଛି।

### ଶାଗୁଆନ କାଠ ଜବତ, ୨ ଗିରଫ

ଭଞ୍ଜନଗର,୬।୪(ଡି.ଏନ.ଏ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ସୋମନାଥପଲ୍ଲୀରୁ ବନ କର୍ମଚାରୀମାନେ ୨ ଜଣ କାଠଚୋରଙ୍କୁ କାବୁ କରିଛନ୍ତି। ସେମାନେ ହେଲେ ରବି ନାୟକ ଓ ଶଙ୍କର ବେହେରା। କାଳିଆମ୍ବା ରିଜର୍ଭ ଫରେଷ୍ଟ ଭାଗ ନଂ ୫ରୁ ଶାଗୁଆନ କାଠ କାଟି ନେବାପାଇଁ ଏମାନେ ପ୍ରସ୍ତୁତ ହେଉଥିଲେ। ରାତି ପାଟ୍ରୋଲିଂରେ ଥିବା ରେଞ୍ଜର କୁମର ବେହେରା ଏହା ଜାଣିବା ପରେ ଅଭିଯୁକ୍ତମାନଙ୍କୁ ଧରାଯାଇଛି। ପ୍ରାୟ ୫ ଘନଫୁଟ ଶାଗୁଆନ କାଠ ସେମାନଙ୍କଠାରୁ ଜବତ କରାଯାଇଛି । ଏ ନେଇ ନଂ.୧/୨୧ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ ପରେ ଭଞ୍ଜନଗର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଛି।

### କାଇଁଚପୁର ସରପଞ୍ଚ ସମ୍ବର୍ଦ୍ଧିତ

ଗଞ୍ଜାମ,୬।୪(ଡି.ଏନ.ଏ): ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଉର୍ଜା ୩.୦(ଆଇଇସି) କାର୍ଯ୍ୟକ୍ରମ ଗୋପାଳପୁର ପାନ୍ଥନିବାସଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲା ପରିଷଦ ଅଧକ୍ଷା ସୋନମ ପଲାଇ, ଉପାଧକ୍ଷା ସ୍ନେହଲତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗଞ୍ଜାମ ବ୍ଲକ କାଇଁଚପୁର ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ଘୋଷଣା କରାଯିବା ସହ ଉକ୍ତ ପଞ୍ଚାୟତ ସରପଞ୍ଚ ସନ୍ତୋଷ ରେଡ୍ଡୀ (ଶ୍ୟାମା)ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଛତ୍ରପୁର ମହିଳା କଲେଜକୁ ୬୦ ଲକ୍ଷର ଅନୁଦାନ

ଛତ୍ରପୁର,୬।୪(ଡି.ଏନ.ଏ.)

ଛତ୍ରପୁର ମହିଳା ଡିଗ୍ରୀ କଲେଜର ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମଙ୍ଗଳବାର କଲେଜ ଅଧକ୍ଷା ସୁମିତା ମିଶ୍ରଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ କରାଯାଇ କଲେଜ କର୍ତ୍ତୃପକ୍ଷ, ଛାତ୍ରୀ, ପୁରାତନ ଛାତ୍ରୀ, ଛତ୍ରପୁର ବିଧାୟକ ଓ ଅନ୍ୟମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ମହିଳା ଡିଗ୍ରୀ କଲେଜର ୭ ଏକର ଜମି ସ୍ଥାୟୀ କୋଠା ଛତ୍ରପୁର ସରକାରୀ ଆଇଟିଆଇ ନିକଟରେ ରହିଛି । ସ୍ୱତନ୍ତ୍ର ଫଣ୍ଡରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଉକ୍ତ ଅନୁଦାନରେ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ୫ଟି ଶ୍ରେଣୀ ଗୃହ ଓ ଗୋଟିଏ ବଡ ପରୀକ୍ଷା ହଲ୍ ନିର୍ମାଣ କରାଯିବ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବୈଠକରେ ଯୋଗଦେଇ କଲେଜ ପାଇଁ ଅନୁଦାନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଭି. କାର୍ତ୍ତିକେୟ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ । କଲେଜ କର୍ତ୍ତୃପକ୍ଷଙ୍କ ଅନୁରୋଧକ୍ରମେ ସେ ଓ ଜିଲାପାଳ ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ବୋଲି ବିଧାୟକ କହିଥିଲେ। କଲେଜରେ ଏକ ସୁପର ସ୍ମାର୍ଟ କ୍ଲାସ ସ୍ଥାପନ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। କଲେଜ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଏହି ପୁରାତନ କଲେଜକୁ କିଭଳି ସରକାରୀ ମାନ୍ୟତା ମିଳିବ ସେନେଇ ଉଦ୍ୟମ କରିବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ । ଛାତ୍ରୀ ମନିଷା ସାହୁ ଓ ପୁରାତନ ଛାତ୍ରୀ ସୋନମ ସୁଲଗ୍ନା ଦାଶ ମଧ ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ, ୫ଟି ସଚିବ ଓ ଛତ୍ରପୁର ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମସ୍ତ ଛାତ୍ରୀ ପୋଷ୍ଟକାର୍ଡ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବେ ବୋଲି ନିଷ୍ପତ୍ତି ନିଆଯାଇଛି । ଅଧାପିକା କବିତା ସାହୁ ସଭା ସଂଯୋଜନା କରିଥିବାବେଳେ ଅଧାପିକା ଯାଜ୍ଞସେନୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଇତିହାସ ଅନର୍ସରେ ଲିଜାରାଣୀ ବେହେରା ଦ୍ୱିତୀୟ ସ୍ଥାନ ଓ ସଙ୍ଗୀତା ବେହେରା ଚତୁର୍ଥ ସ୍ଥାନ ଗ୍ରହଣ କରିଥିବାରୁ ବିଧାୟକ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବି. ରାଜୁ ବାବୁ, ସରକାରୀ ଓକିଲ ମନୋଜ ପାଢୀ, ଡମିନାଥ ସାହୁ, ଭୈରବ ପଟ୍ଟନାୟକ, ପୂର୍ବତନ ଏନଏସି ଉପାଧକ୍ଷ ପ୍ରଦୋଷ ବେହେରା, ଅଟଳ ବିହାରୀ ପଟ୍ଟନାୟକଙ୍କ ସମେତ କଲେଜ ଅଧାପିକା, ଷ୍ଟାଫ୍ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।



ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

### ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ କୃତଜ୍ଞତା

# ୪ ସନ୍ତାନ ଥିବାରୁ ଜଣଙ୍କ ପ୍ରାର୍ଥୀପତ୍ର ନାକଚ

- ସମିତିସଭ୍ୟ ଉପନିର୍ବାଚନ
- ସୁନିତା ଅପ୍ରତିଦ୍ୱନ୍ଦ୍ୱୀ

ବେଗୁନିଆପଡ଼ା/କବିସୂର୍ଯ୍ୟନଗର, ୬।୪(ଡି.ଏନ୍.ଏ.)

ବେଗୁନିଆପଡା ବ୍ଲକ ଚନ୍ଦନପୁର ପଞ୍ଚାୟତର ସମିତିସଭ୍ୟ ଉପନିର୍ବାଚନ ପାଇଁ ମଙ୍ଗଳବାର ପ୍ରାର୍ଥୀପତ୍ର ଯାଞ୍ଚ ହୋଇଥିଲା। ଏଥିରେ ଜଣଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଥିବା ବେଳେ ସୁନିତା ଅପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି। ଗତ ସୋମବାର ସ୍ୱର୍ଗତ ପୂର୍ବତନ ସମିତସଭ୍ୟ ସୁବଳ ସାହୁଙ୍କ ସ୍ତ୍ରୀ ସୁନିତା ଓ କେ. ବରିଡାଗାଁର କୁନା ସ୍ୱାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପ୍ରାର୍ଥୀପତ୍ର ଯାଞ୍ଚ ସମୟରେ କୁନାଙ୍କ ୪ ସନ୍ତାନ ଥିବା ସୁନିତା ଅଭିଯୋଗ କରିଥିଲେ। ତଦନ୍ତ କରାଯାଇ ତାଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ବିଡିଓ ବେଦବର ପ୍ରଧାନ କହିଛନ୍ତି। ଏ ନେଇ ଖବରଦାତା ସମ୍ମିଳନୀ କରି ବେଗୁନିଆପଡା ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା ସୂଚନା ଦେଇଛନ୍ତି। ତାଙ୍କ କହିବା ମୁତାବକ ଚନ୍ଦନପୁର ସମିତିସଭ୍ୟ ଉପନିର୍ବାଚନ ପାଇଁ ପଞ୍ଚାୟତବାସୀଙ୍କ ସର୍ବସମ୍ମତି କ୍ରମେ ସୁନିତାଙ୍କୁ ପ୍ରାର୍ଥୀ କରାଯାଇଥିଲା। ଏହାକୁ ବିଧାୟିକା ଲତିକା ପ୍ରଧାନ ସମ୍ମତି ପ୍ରଦାନ କରିଥିଲେ। ସୋମବାର ପ୍ରାର୍ଥୀପତ୍ର ଦାଖଲ ସମୟରେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ଭାଜପା ନେତା ନିଜ ସମର୍ଥକଙ୍କ ସହ ଆସି ବିଧାୟିକାଙ୍କ ସହ ଯୁକ୍ତିତର୍କ କରିଥିଲେ। ଚନ୍ଦନପୁର ପଞ୍ଚାୟତରେ ଭାଜପାକୁ ପ୍ରାର୍ଥୀ ମିଳି ନ ଥିବାରୁ ଏଥିରେ ପ୍ରତିକ୍ରିୟା ହୋଇ ଅନ୍ୟ ଏକ ପଞ୍ଚାୟତ କେ.ବରିଡାରୁ ଜଣଙ୍କୁ ଆଣି ପ୍ରାର୍ଥୀପତ୍ର ଦାଖଲ କରିବା ସହ ନିଜେ କଳହ କରି ଓଲଟା ବିଜେଡି ଉପରେ ଅଭିଯୋଗ କରିଛନ୍ତି। ଏଭଳି ଗୁଣ୍ଡା ଗର୍ଦ୍ଦି କରି ବିଜେଡିକୁ ବଦନାମ କରୁଥିବା ବିଜେଡି ସଭାପତି କହିଛନ୍ତି। ସୁନିତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପୁଣି ଥରେ ମୁଖ୍ୟମନ୍ତ୍ରୀ ଓ ବିଧାୟିକାଙ୍କ ଲୋକପ୍ରିୟତା ଏବଂ ଧର୍ମର ବିଜୟ ହୋଇଛି ବୋଲି ବ୍ଲକ ବିଜେଡି ସଭାପତି କହିଛନ୍ତି।

ଅନ୍ୟପଟେ ଭାଜପା ସମର୍ଥିତ ପ୍ରାର୍ଥୀ କୁନା ସ୍ୱାଇଁ ନିଜ ସମର୍ଥକ, ପ୍ରସ୍ତାବକ ଓ ଭାଜପା ନେତାଙ୍କ ଗହଣରେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ବିଡ଼ିଓ ଅଫିସକୁ ଯାଇଥିଲେ। ସେଠାରେ ତାଙ୍କୁ ମାରପିଟ, ମାରିଦେବା ଲାଗି ଧମକ ଦିଆଯାଇଥିବା ନେଇ ସେ କୋଦଳା ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ବିଡ଼ିଓ କୁନାଙ୍କ ୪ଟି ସନ୍ତାନ ଥିବା ଯାଞ୍ଚ କରି ପ୍ରାର୍ଥୀ ନାକଚ କରିଥିବା ନେଇ କବିସୂର୍ଯ୍ୟନଗର ଏନ୍ଏସି ବନଦେବୀ ପାଟନାସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ ରଖିଛନ୍ତି। ଏଭଳି ଅଗଣତାନ୍ତ୍ରିକ, ଆକ୍ରମଣକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଆସନ୍ତା ୭ ତାରିଖ ଯାଞ୍ଚ ଶେଷ ତାରିଖ ଥିବା ପତ୍ରରେ ଉଲ୍ଲେଖ ଥିବା ବେଳେ ତା' ପୂର୍ବରୁ କିପରି ବିଡ଼ିଓ ପ୍ରାର୍ଥୀପତ୍ର ନାକଚ କଲେ ସେଥିଲାଗି ନିର୍ବାଚନ ଅଧିକାରୀଙ୍କ ପାଖକୁ ଚିଠି ଲେଖିଥିବା ଭାଜପା ନେତା ରଞ୍ଜନ ପୋଲାଇ କହିଛନ୍ତି। ଉକ୍ତ ନିର୍ବାଚନକୁ ବାତିଲ କରିବା ସହ ନିରପେକ୍ଷ ଉପନିର୍ବାଚନ କରିବାକୁ ଭାଜପା ଦାବି କରିଛି।

# କଟକଣା ସତ୍ତ୍ୱେ ଶତାଧିକ ଶିଶୁ ମୁଣ୍ଡନ


ମା'ତାରାତାରିଣୀଙ୍କ ମହାଲକ୍ଷ୍ମୀ ବେଶ ।


ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଦ୍ୱିତୀୟ ପାଳି ଯାତ୍ରା ।

### ମା'ଙ୍କ ଦର୍ଶନ କଲେ ୫-ଟି ସଚିବ

ପୁରୁଷୋତ୍ତମପୁର,୬।୪(ଡି.ଏନ.ଏ.)

ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଦ୍ୱିତୀୟ ପାଳି ଯାତ୍ରା କରୋନା କଟକଣା ମଧ୍ୟରେ ହୋଇଛି। ସଂକ୍ରମଣ ବ୍ୟାପୁଥିବାରୁ ଏହି ପାଳିରୁ ପିଲାଙ୍କ ମୁଣ୍ଡନକୁ ଜିଲାପାଳ ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ମୁଣ୍ଡନ କରାଯାଇନଥିଲେ ମଧ କଟକଣାକୁ ଖାତିର ନକରି ଲୋକେ ପାହାଡ ପାଦଦେଶ, ନଦୀ ତଟ, ଜଙ୍ଗଲରେ ଶତାଧିକ ପିଲାଙ୍କ ମୁଣ୍ଡନ କରାଇଛନ୍ତି। ସୋମବାର ରାତି ୨ଟା ୩୦ରୁ ମନ୍ଦିର ଦ୍ୱାର ଖୋଲାଯାଇ ଅବକାଶ ନୀତି, ମାଜଣା, ଅଭିଷେକ, ଶୃଙ୍ଗାର ଆଦି ପରେ ପୂଜାର୍ଚ୍ଚନା କରାଯାଇ ମା'ଙ୍କୁ ମହାଲକ୍ଷ୍ମୀ ବେଶରେ ସଜ୍ଜିତ କରାଯାଇଥିଲା। ରାତି ୩ଟାରେ ସାହାଣମେଲା ହୋଇଥିଲା। ମା'ଙ୍କ ଦର୍ଶନ ପାଇଁ ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି. କାର୍ତ୍ତିକେୟ ପାଣ୍ଡିଆନ ସୋମବାର ପୁରୁଷୋତ୍ତମପୁର ଆସି ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ରାତ୍ରିଯାପନ କରିଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏଙ୍କ ସହ ମିଶି ମା'ତାରାତାରିଣୀଙ୍କୁ ଦର୍ଶନ କରିଥିଲେ। ପରେ ଭୋର ୪ଟାରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ମା'ଙ୍କ ଦର୍ଶନ କରିଥିଲେ। ଏହି ପାଳିରେ ପ୍ରାୟ ୫୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ନିର୍ବାହୀ ଅଧିକାରୀ ଟି.କେ ରେଡ୍ଡିଙ୍କ ତତ୍ତ୍ୱାବଧାନରେ ସେବାୟତ ବାପୁଜୀ ରଣା, ତପନ କୁମାର ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ପୁରୁଷୋତ୍ତମପୁର ତହସିଲଦାର ନିତିଶ କୁମାର ତ୍ରିପାଠୀ, ବିଡ଼ିଓ ବିଜୟ କୁମାର ବେହେରା, ଅତିରିକ୍ତ ତହସିଲଦାର ସୁନିଲ୍ କୁମାର ଗୁରୁ, ଡେପୁଟି କଲେକ୍ଟର ଜନେଜୟ ସାହୁ ପ୍ରମୁଖ ଯାତ୍ରା ତଦାରଖ କରିଥିଲେ। ପୁରୁଷୋତ୍ତମପୁର ଏସଡିପିଓ ସୀମା ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହି ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିଥିଲେ।

## ଗଞ୍ଜାମରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ

ଗଞ୍ଜାମ,୬।୪(ଡି.ଏନ.ଏ.)

କରୋନାର ଦ୍ୱିତୀୟ ଷ୍ଟ୍ରେନ ଗଞ୍ଜାମ ସହରରେ ବୃଦ୍ଧି ପାଉଥିବା ଜଣାପଡିଛି। ପୁଣି ଗଞ୍ଜାମ ଏନ୍ଏସିର ୯ ନମ୍ବର ୱାର୍ଡରୁ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଖଣ୍ଡଦେଉଳି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ସଂକ୍ରମିତ ବ୍ୟକ୍ତି ଜଣଙ୍କ ଦିଲ୍ଲୀରୁ ନିଜ ଗ୍ରାମକୁ ଆସିଥିବା ବେଳେ ତାଙ୍କଠାରେ କରୋନା ଲକ୍ଷଣ ଦେଖିବାକୁ ମିଳିଥିଲା। ଆର୍ଟିପିସିଆର ଟେଷ୍ଟ ପରେ ସେ ସଂକ୍ରମିତ ହୋଇଥିବା ଜଣାପଡିଥିଲା।' ପ୍ରକାଶଯୋଗ୍ୟ, ଗଞ୍ଜାମ ସହରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ମୋଟ ୫ରେ ପହଞ୍ଚିଛି।

## ମନ୍ଦିରରୁ ଟଙ୍କା, ଅଳଙ୍କାର ଲୁଟ୍

ବାଲିଗୁଡ଼ା,୬।୪(ଡି.ଏନ.ଏ.)

ବାଲିଗୁଡ଼ା ଉପଖଣ୍ଡ କୋଟଗଡ଼ସ୍ଥିତ ଜଗନ୍ନାଥ ମନ୍ଦିରରୁ ସୋମବାର ମଧରାତ୍ରରେ ଟଙ୍କା ଓ ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ରାତିରେ ଦୁର୍ବୃତ୍ତମାନେ ମନ୍ଦିରରେ ପଶି ଦାନ ହୁଣ୍ଡି ଭାଙ୍ଗି ଦକ୍ଷିଣା ପ୍ରାୟ ୧ଲକ୍ଷ ଟଙ୍କା ସମେତ ପାର୍ଶ୍ୱ ମନ୍ଦିରରୁ ଲକ୍ଷ୍ମୀ ମା'ଙ୍କ ସୁବର୍ଣ୍ଣ ଚିତା ଓ ବିମଳା ମା'ଙ୍କ ସୁବର୍ଣ୍ଣ ନାକ ଗୁଣା ମଧ ଲୁଟି ଚମ୍ପଟ ମାରିଥିଲେ। ସକାଳୁ ସେବାୟତ ଚନ୍ଦ୍ରଶେଖର ପାଣିଗ୍ରାହୀ ମନ୍ଦିରରେ ପହଞ୍ଚି କବାଟ ଭାଙ୍ଗିଥିବା ଦେଖି ବଡ଼ ପଣ୍ଡା ଭଗବାନଙ୍କୁ ଜଣାଇଥିଲେ। ପରେ ମନ୍ଦିରରେ କମିଟି ସଦସ୍ୟ ପହଞ୍ଚି ସବୁ ଦେଖିବାପରେ କୋଟଗଡ଼ ଥାନାରେ ଅଭିଯୋଗ କରିଥିଲେ। କୋଟଗଡ଼ ଥାନାଧିକାରୀ ଅଲେଖ ଗରଡ଼ିଆ ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି।

# ଖରିଫ ପାଇଁ ବୁଲିଲା ସଚେତନତା ରଥ



ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

ରାଇକିଆ,୬।୪(ଡି.ଏନ.ଏ.) ରାଇକିଆ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର କୃଷି ରଥ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ, ଜିଲାମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, କୃଷି ଜିଲା ଅଧିକାରୀ ଅଜୟ କୁମାର ପରିଡ଼ା, ଡିପିଡି ଆତ୍ମା ଅନିଲ କୁମାର ପ୍ରହରାଜ। ସହକାରୀ କୃଷୀ ଅଧିକାରୀ ସୁଦିପ୍ତା ପ୍ରଧାନ, ଉପେନ୍ଦ୍ର ପ୍ରସାଦ ପାଢ଼ୀ ଖରିଫ ଚାଷ ପାଇଁ ସଚେତନତା ସୃଷ୍ଟି ସହ ବିଭିନ୍ନ ବୈଷୟିକ ପଦ୍ଧତିରେ କିପରି ଚାଷ କରାଯିବ, ଚାଷୀ ଯେପରି ବିଭନ୍ନ ସୁବିଧା ପାଇ ପାରିବେ, ଅଧିକ ଅମଳ କରି ପାରିବେ ସେ ନେଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ରଥ ବୁଲି ସଚେତନ କରିବ।

# ମଦଦୋକାନ ଲଟେରି ସରିଲା

ପାରଳାଖେମୁଣ୍ଡି,୬।୪(ଡି.ଏନ.ଏ.)

ଗଜପତି ଜିଲାରେ ମଦ ଦୋକାନ ଲାଇସେନ୍ସ ପାଇଁ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ସରିଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅବକାରୀ ବିଭାଗ ଅଧକ୍ଷ ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କ ଉପସ୍ଥିତିରେ ଲଟେରୀ ଉଠାଣ ହୋଇଥିଲା। ଏଥିପାଇଁ ଦିନତମାମ ଜିଲାପାଳକଙ୍କ କାର୍ଯ୍ୟାଳୟ ପରିସରରେ ଗହଳି ଦେଖିବାକୁ ମିଳିଥିଲା। କେତେଜଣ ପୁରୁଣା ବ୍ୟବସାୟୀ ପୁଣି ଲାଇସେନ୍ସ ପାଇଥିବା ଜଣାପଡିଛି। ଜିଲାରେ ଥିବା ୧୯ଟି ମଦ ଦୋକାନ ପାଇଁ ୭୬୭ ଜଣ ଆବେଦନ କରିଥିଲେ। ଆବେଦନକାରୀମାନଙ୍କ ମଧ୍ୟରେ ଅଧିକାଂଶ ଆନ୍ଧ୍ରପ୍ରଦେଶର। କାଶୀନଗର ବ୍ଲକରେ ମଦ ଦୋକାନ ପାଇଁ ୧୨୪, କାଶୀନଗର ପାଇଁ ୭୧, ରାଣୀପେଣ୍ଠ ପାଇଁ ୩୭, ଗୋଷାଣି ବ୍ଲକ ଗାରବନ୍ଧ ପାଇଁ ୧୧୪, ଗୁରାଣ୍ଡି ପାଇଁ ୪୪, ମହେନ୍ଦ୍ରଗଡ଼ ପାଇଁ ୪୬, ମୋହନା ପାଇଁ ୫୧, ଅଡ଼ବା ପାଇଁ ୩୯, ଆର୍. ଉଦୟଗିରି ପାଇଁ ୨୫, ରାୟଗଡ ପାଇଁ ୩୯ ଜଣ ଲାଇସେନ୍ସ ଆବେଦନ କରିଥିଲେ। ଜିଲାର ୬/୭ଟି ମଦ ଦୋକାନ ଉପରେ ଅଧିକାଂଶଙ୍କର ନଜର ରହିଥିଲା।

# ପାରଳାଖେମୁଣ୍ଡିରେ ଦଣ୍ଡଯାତ୍ରା ଆରମ୍ଭ

ପାରଳାଖେମୁଣ୍ଡି,୬।୪(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ଥିବା କାଳୀ ମନ୍ଦିର ସମ୍ମୁଖ ପଡିଆରେ ପବିତ୍ର ମେରୁ ସଂକ୍ରାନ୍ତୀ ଯାତ୍ରା ଅବସରରେ ୧୩ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଦଣ୍ଡ ନାଚ ଆସନ୍ତା ପବିତ୍ର ମେରୁ ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ। ଏହି ଅବସରରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ନିକଟସ୍ଥ ଖଣ୍ଡରାରୁ ଦଣ୍ଡୁଆମାନେ ଆସି କଣ୍ଟାଦଣ୍ଡ, ଅଗ୍ନିଦଣ୍ଡ, ଧୂଳିଦଣ୍ଡ ଆଦି ପରିବେଷଣ କରିଥାନ୍ତି, ଯାହାକୁ ଦେଖିବାପାଇଁ ଲୋକମାନଙ୍କର ଭିଡ ଜମିଥାଏ । ଏହି ଦଣ୍ଡନାଚ ପାରଳାଖେମୁଣ୍ଡିର ମାଁ ଶ୍ୟାମାକାଳୀଙ୍କ ମନ୍ଦିର ସମ୍ମୁଖରେ ପ୍ରତିବର୍ଷ ମେରୁ ସଂକ୍ରାନ୍ତି ପୂର୍ବରୁ ଅନୁଷ୍ଠିତ ହୋଇଥାଏ। ଏଥିରେ ଗଜପତି ଜିଲାର ବହୁ ଯୁବ ଶ୍ରେଣୀର ଶ୍ରଦ୍ଧାଳୁମାନେ ନିଜର ମନସ୍କାମନା ପୂରଣ ପାଇଁ ବିଭିନ୍ନ ପ୍ରକାର ଦଣ୍ଡରେ ସାମିଲ ହୋଇଥାନ୍ତି। ଶେଷଦିନରେ ପଣା ସଂକ୍ରାନ୍ତି ଅବସରରେ ଦଣ୍ଡନାଚ ସହ ଏଠାରେ ଅନ୍ୟାନ୍ୟ ପୂଜାର୍ଚ୍ଚନା ମଧ କରାଯାଇଥାଏ।

# ବ୍ୟାଟେରିଚାଳିତ ବାଇକ୍

ପାରଳାଖେମୁଣ୍ଡି,୬।୪(ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ଖଞ୍ଜା ସାହିର ସାଗର ରେଡ୍ଡୀ ବ୍ୟାଟେରିଚାଳିତ ବାଇକ୍ ନିର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି। ମେକାନିକାଲ ଇଞ୍ଜିନିୟରିଂ ପାଠ ସାରିଥିବା ସାଗର ଚାକିରି ପାଇଁ ଆବେଦନ ନ କରି ନୂଆ ଉଦ୍‌ଭାବନ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଜେନେରେଟର, କାର୍, ବାଇକ ଗୁଡିକକୁ କିପରି ପରିବେଶ ପ୍ରଦୂଷଣ ନ କରି ବିନା ଇନ୍ଧନରେ ଚାଲିପାରିବ ସେହି ଗବେଷଣା କରୁଛନ୍ତି। ଏହିକ୍ରମରେ ସାଗର ପେଟ୍ରୋଲ ବାଇକ୍‌ର ସମସ୍ତ ଫିଚ ଥିବା ପରିବେଶ ପ୍ରଦୂଷଣମୁକ୍ତ ଏକ ବ୍ୟାଟେରିଚାଳିତ ବାଇକ୍ ନିର୍ମାଣ କରିବାରେ ସଫଳ ହୋଇଛନ୍ତି।

ନିଜ ଅଗଣାରେ ଖୋଲା ଆକାଶ ତଳେ ସାଗରଙ୍କ ଗବେଷଣାଗାର। ସେଠାରେ ରହିଛି ଅଚଳ ବାଇକ, ଜେନେରେଟର ସହ କିଛି ଇଞ୍ଜିନ ଟୁଲ କିଟ ଓ ମଲ୍ଟିମିଟର। ଗତବର୍ଷ କରୋନା ମହାମାରୀ ପାଇଁ ଜାରି ହୋଇଥିବା ଲକ୍‌ଡାଉନ୍ ଓ ଶଟଡାଉନ ସମୟରେ ପ୍ରଥମେ ଏକ ବ୍ୟାଟେରି ସାଇକେଲକୁ ଅଧିକ ଗତିଶୀଳ କରାଇବାରେ ସଫଳ ହୋଇଥିଲେ। ପରେ ନିଜର ପୁରଣା ପଲସର୍ ବାଇକ୍‌କୁ କିପରି କାମରେ ଲଗାଯାଇପାରିବ ସେଥିପାଇଁ କାମ ଆରମ୍ଭ କଲେ। ଉକ୍ତ ବାଇକ୍‌ର ଇଞ୍ଜିନ ବାହାର କରି ସେଥିରେ ବ୍ୟାଟେରି, ଡିଏଲଡିସି ମଟର, ୱାଇରିଙ୍ଗ କିଟ, ବ୍ୟାଟେରି ମିଟର, ଆମ୍ପିୟର ଆଦି ଲଗାଇ ତାହାକୁ ଚଳନକ୍ଷମ କରିଥିଲେ। ଏହି ବାଇକ୍ ୫୦ହଜାର ଟଙ୍କା ହେବ । ଥରେ ଚାର୍ଜ କଲେ ବାଇକ୍‌ଟି ଘଣ୍ଟାପ୍ରତି ୬୦ରୁ ଉର୍ଦ୍ଧ୍ୱ କି.ମି. ବେଗରେ ୮୦ କି.ମି. ପର୍ଯ୍ୟନ୍ତ ଯାଇପାରୁଛି। ଏଥିରେ ୨ ଜଣ ମଧ ଯାଉପାରୁଛନ୍ତି। ସେହିପରି ୨୫ ହଜାର ଟଙ୍କା ଖର୍ଚ୍ଚରେ ଏପରି ବାଇକ୍ ନିର୍ମାଣ କରି ତାହାକୁ ଥରେ ଚାର୍ଜ କଲେ ଘଣ୍ଟାପ୍ରତି ୩୦ କି.ମି. ବେଗରେ ୧୦୦ କିମି ପର୍ଯ୍ୟନ୍ତ ଯାଇପାରିବ ବୋଲି ସାଗର କହିଛନ୍ତି। ଏପରିକି ତାଙ୍କ ଜ୍ଞାନ କୌଶଳର ବାଇକ୍‌କୁ ଗୋଟିଏ ଥର ଚାର୍ଜରେ ୧୦୦ରୁ ୧୨୦ କିମି ବେଗରେ ୧୦୦ରୁ ୨୫୦ କି.ମି ପର୍ଯ୍ୟନ୍ତ ଯାଇପାରିବ ବୋଲି ସାଗର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


ବ୍ୟାଟେରି ଚାଳିତ ବାଇକ୍ ସହ ସାଗର ରେଡ୍ଡୀ।

### ଯୁବ ଇଞ୍ଜିନିୟରଙ୍କ କରାମତି

# ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ


କଂଗ୍ରେସ ନେତାମାନେ ଅଧୀକ୍ଷଣଯନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ।

ଭଞ୍ଜନଗର,୬।୪(ଡି.ଏନ.ଏ)

ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଭଞ୍ଜନଗର ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଟାଟା ପାୱାର କର୍ପୋରେଶନ ଲିମିଟେଡ୍ (ଟିପିସିଏଲ୍) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଅଧିକ୍ଷଣ ଯନ୍ତ୍ରୀ ନୃସିଂହ ନାରାୟଣ ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାର ତୁରନ୍ତ ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କଂଗ୍ରେସ ନେତାମାନେ ପ୍ରକାଶ କରିଛନ୍ତି। କଂଗ୍ରେସ ନେତା ପ୍ରଶାନ୍ତ କୁମାର ବିଷୋୟୀ, ଭଞ୍ଜନଗର ବ୍ଲକ କଂଗ୍ରେସ ସଭାପତି କୃଷ୍ଣଚନ୍ଦ୍ର ବିଷୋୟୀ, ନଗର କଂଗ୍ରେସ ସଭାପତି ସୁକାନ୍ତ ଦିଗାଲ, ଜଗନ୍ନାଥପ୍ରସାଦ ବ୍ଲକ କଂଗ୍ରେସ ସଭାପତି ବିଦ୍ୟାଧର ପ୍ରଧାନ, ଜବହାରଲାଲ ସାହୁ, କାଳୁ ଚରଣ ଦଳବେହେରା, ମଣ୍ଟୁ ପ୍ରଧାନ, ଲୋକନାଥ ସେଠୀ, ରଜନୀକାନ୍ତ ବିଶ୍ୱାଳ, ଲମ୍ବୋଧର ତ୍ରିପାଠୀ ପ୍ରମୁଖ । ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ବ୍ରହ୍ମପୁର ପ୍ରତିଯୋଗୀଙ୍କୁ ବ୍ରୋଞ୍ଜ ପଦକ

ବ୍ରହ୍ମପୁର ଅଫିସ,: ଜାମୁ କାଶ୍ମୀରର ଶ୍ରୀନଗରସ୍ଥିତ ଇନ୍‌ଡୋର୍ ଷ୍ଟାଡ଼ିୟମରେ ଗତ ମାର୍ଚ୍ଚ ୨୭ରୁ ୩୧ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ସ୍ପିନ୍‌ଟାକ ସିଲେଟ୍ ପ୍ରତିଯୋଗିତା ଆୟୋଜିତ ଚାଲିଥିଲା। ଏଥିରେ ବ୍ରହ୍ମପୁର ପ୍ରତିଯୋଗୀ ସଫଳତା ହାସଲ କରିଛନ୍ତି। ବ୍ରହ୍ମପୁରର ୬ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ଜୁନିୟର୍ ବିଭାଗରେ ୫୫ କେ.ଜି ବର୍ଗରେ ବିଠଲ ମିଶ୍ର ଓ ୩୭ କେ.ଜି ବର୍ଗରେ ସନ୍ତୋଷ ବେହେରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସନ୍ତୋଷ ବେହେରା ଜାତୀୟ କୋଚ୍ ଭାବେ ମନୋନୀତ ହୋଇଛନ୍ତି। କୋଚ୍ ବିପିନ୍ ନାୟକ, ଟିମ୍ ମ୍ୟାନେଜର ପ୍ରଦୀପ ବେହେରା କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା। । ଜଣାଇଛନ୍ତି।

# ପିଏମ୍‌ୱାଇରେ ମିଳିଛି ୭୫୦ ବାସଗୃହ

**ବ୍ରହ୍ମପୁର ମହାନଗର**
- ଆବାସ ଯୋଜନାରେ ୨୦ ହଜାର ଆବେଦନ

ବ୍ରହ୍ମପୁର ଅଫିସ, ୬।୪

ବ୍ରହ୍ମପୁର ମହାନଗର ନିଗମରେ ଥିବା ଗରିବ ହିତାଧିକାରୀଙ୍କୁ ବାସଗୃହ ଯୋଗାଇବା ଉଦ୍ଦେଶ୍ୟରେ ବିଏମ୍‌ସି ପକ୍ଷରୁ ୨୦୧୬ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ୱାଇ) ଆରମ୍ଭ ହୋଇଥିଲା। ଏଥିରେ ୨୦୧୬ରେ ୩୧୭, ୨୦୧୭ରେ ୪୧୧ ଓ ୨୦୧୮ରେ ୨୫୫ ବାସଗୃହ ନିର୍ମାଣ ପାଇଁ ବିଏମ୍‌ସି ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୭୫୦ହିତାଧିକାରୀଙ୍କୁ ବାସଗୃହ ପ୍ରଦାନ କରାଯାଇଥିବା ବିଏମ୍‌ସି ନିର୍ବାହୀଯନ୍ତ୍ରୀ ଇଂ. ନାଗେଶ୍ୱର ସୁବୁଦ୍ଧି ସୂଚନା ଦେଇଛନ୍ତି। ଏଥିସହ ୪ ମାସ ମଧ୍ୟରେ ବାସଗୃହ ନିର୍ମାଣ କରିଥିବା ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଓ ୬ ମାସ ମଧ୍ୟରେ ବାସଗୃହ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ଜଣେ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ ହଜାର ଟଙ୍କା ଓ କେନ୍ଦ୍ର ସରକାର ୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ଯାହାକି ଫାଉଣ୍ଡେଶନ୍ ବାବଦକୁ ୪୦ ହଜାର, ଲିନ୍‌ଟେଲ୍ ପାଇଁ ୬୦ ହଜାର, ଛାତ ପାଇଁ ୬୦ ହଜାର ଓ ସଂପୂର୍ଣ୍ଣ ଘର ହେବା ପରେ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ତେବେ ଚଳିତ ବର୍ଷ ୨୯୮ ବାସଗୃହ ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ବର୍ତ୍ତମାନ ୧୩୦ ବାସଗୃହର କାର୍ଯ୍ୟ ଆରମ୍ଭ ହୋଇଥିବା ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଭୂମିହୀନ ପରିବାରଙ୍କ ନିମନ୍ତେ ଆବାସ ଯୋଜନା ପାଇଁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ ହଜାର ହିତାଧିକାରୀ ଆବେଦନ କରିଥିବା ଜଣାପଡ଼ିଛି। ଏହି ଯୋଜନା ଅନୁଯାୟୀ, ହିତାଧିକାରୀଙ୍କୁ ନିଜ ନାମରେ କୌଣସି ଜାଗା ନ ଥିବ ଓ ବାର୍ଷିକ ଆୟ ୧ ଲକ୍ଷ ୮୦ ହଜାରରୁ କମ୍ ରହିଥିବ ସେହିମାନେ ହିଁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ବୋଲି ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି।

## ଗଞ୍ଜେଇ ଜବତ, ୩ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

ବ୍ରହ୍ମପୁର ଅଫିସ,୬।୪

ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗର ଟିମ୍ ୩ଟି ପୃଥକ୍ ସ୍ଥାନରେ ଚଢ଼ାଉ କରି ମୋଟ ୪୫ କେଜି ଗଞ୍ଜେଇ ଜବତ କରିଛି। ଏ ସଂକ୍ରାନ୍ତରେ ୩ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧାର ଶରତ ପରିଡ଼ା, କୋରାପୁଟ କୋଲାବର ଅନିଲ ସାଗରିଆ ଓ ଝାଡ଼ଖଣ୍ଡର ନାଜିଉଦ୍ଦିନ୍ ଶେଖ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। ଅବକାରୀ ଡେପୁଟି କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ମଙ୍ଗଳବାର ସକାଳେ ବିଭିନ୍ନ ସ୍ଥାନରେ ଯାଞ୍ଚ କରୁଥିଲା। ଆମ୍ବପୁଆ, କମାପଲ୍ଲୀ ଓ ନୂଆ ବସ୍‌ଷ୍ଟାଣ୍ଡରୁ ୩ ଯୁବକଙ୍କୁ ସନ୍ଦେହରେ ଅଟକ ରଖିଥିଲା। ଯାଞ୍ଚ ପରେ ସେମାନଙ୍କ ନିକଟରୁ ମୋଟ ୪୫ କେଜି ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ୨୫ ହଜାର ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। କୋରାପୁଟ ଜିଲାରୁ ଗଞ୍ଜେଇ ଆଣି ଖୋର୍ଦ୍ଧା ଓ ଝାଡ଼ଖଣ୍ଡକୁ ଚାଲାଣ କରାଯାଉଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ଅବକାରୀ ଗୋଇନ୍ଦା ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଏସ୍‌ଆଇ ବିଶ୍ୱଜିତ ଦାଶ, ଏସ୍‌ଆଇ ସଞ୍ଜୟ କୁମାର କାଣ୍ଡି ଓ ଏଏସ୍‌ଆଇ ବ୍ରଜ ବିହାରୀ ନାୟକ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଗୁଆରେ ବୁଡ଼ି ନାବାଳକ ମୃତ

ଆସିକା,୬।୪(ଡି.ଏନ.ଏ.): ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୁତା ଗ୍ରାମର ଏକ ପୋଖରୀ ଗୁଆରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବବୁ ନାହାକଙ୍କ ପୁଅ ସୁମନ (୭)। ସୁମନ ତାଙ୍କ ଅଜାଙ୍କ ସହ ପୋଖରୀକୁ ଯାଇଥିଲେ। ପୋଖରୀ କାମ ଚାଲିଥିବାରୁ ପାଣି ମହଜୁଦ ରଖାଯାଇଥିବା ଏକ ଗୁଆରେ ସେ କୌଣସି ପ୍ରକାରେ ପଡ଼ିଯାଇଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ ଗୁଆରୁ ସୁମନଙ୍କୁ ଗୁରୁତର ଅବସ୍ଥାରେ ଠାବ କରାଯାଇ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଙ୍ଗପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ଏ ନେଇ ଗାଙ୍ଗପୁର ଥାନାରେ ନଂ.୭/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ କହିଛନ୍ତି।

### ଅଙ୍ଗନୱାଡ଼ି କେନ୍ଦ୍ର ବୁଲିଲେ ସିଡିପିଓ

ଛତ୍ରପୁର,୬।୪(ଡି.ଏନ.ଏ): ଛତ୍ରପୁର ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ ମଙ୍ଗଳବାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। କେନ୍ଦ୍ରଗୁଡ଼ିକରେ ଠିକ୍ ଭାବେ ପ୍ରାକ୍ କାର୍ଯ୍ୟ ଆରମ୍ଭ ହେଉଛି କି ନାହିଁ ଯାଞ୍ଚ କରିଥିଲେ। ଚମାଖଣ୍ଡି, ଗୋବିନ୍ଦପୁର, ଲକ୍ଷ୍ମୀପୁର, କରାପଲ୍ଲୀ, ରଘୁନାଥପୁର, ନରେନ୍ଦ୍ରପୁର, ଟାଙ୍ଗଣପଲ୍ଲୀ, ବଳରାମପୁର, ସୁନ୍ଦରପୁର, କେଉଟପଲ୍ଲୀ, ଭିକାରୀପଲ୍ଲୀ, ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଖାଦ୍ୟ, ଅଣ୍ଡା, ଛତୁ ବଂଟନ, କେତେ ପିଲା ଆସୁଛନ୍ତି ତାହା ଉପରେ ସିଡିପିଓ ଅନୁଧ୍ୟାନ କରିବା ସହ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ତୁଲାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଦୋକାନରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ଛତ୍ରପୁର,୬।୪(ଡି.ଏନ.ଏ): ଛତ୍ରପୁର ଉପକଣ୍ଠ ତାମ୍ପରା ସମ୍ମୁଖ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଦୋକାନରେ କେହି ଦୁର୍ବୃତ୍ତ ସୋମବାର ରାତିରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଦୋକାନରେ ଥିବା ଲୁଗାପଟା ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଦୋକାନ ମାଲିକ ତଥା ହୁମ୍ମର ଗାଁର କୈଳାସ ପଲେଇ ମଙ୍ଗଳବାର ଏ ନେଇ ଗଞ୍ଜାମ ଥାନାରେ ଏତଲା ଦେଇଛନ୍ତି। ନେଇ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ।

### ଜଗନ୍ନାଥ ମନ୍ଦିର ଗୁମାସ୍ତା ଗଣେଶଙ୍କ ପରଲୋକ

ପୋଲସରା,୬।୪(ଡି.ଏନ.ଏ.): ପୋଲସରା ସହରର ଜଗନ୍ନାଥ ସାହି ସ୍ଥିତ ଜଗନ୍ନାଥ ମନ୍ଦିରର ଗୁମାସ୍ତା ଗଣେଶ ବେହେରା(୬୨)ଙ୍କ ମଙ୍ଗଳବାର ବଜାର ସାହି ସ୍ଥିତ ନିଜ ବାସ ଭବନରେ ପରଲୋକ ଘଟିଛି। ସେ ଦୀର୍ଘ ୩୫ବର୍ଷ ଧରି ଜଗନ୍ନାଥମନ୍ଦିରର ଗୁମାସ୍ତା ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ଜଗନ୍ନାଥ ଘଣ୍ଟ ମୃଦଙ୍ଗ ବାଦ୍ୟ କଳା ସଂସଦ ନାମରେ ଦଳ ଗଠନ କରିଥିଲେ। ମୃତ୍ୟୁ ବେଳେ ଦୁଇ ପୁଅ, ଝିଅ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

### ଓଏସ୍‌ସିଆଇଟି ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣଙ୍କୁ ମାନପତ୍ର

ଚିକିଟି,୬।୪(ଡି.ଏନ.ଏ.): ଚିକିଟିପେଣ୍ଠ ସ୍ଥିତ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ହେପି ୱାର୍ଲଡ ତରଫରୁ ଓଏସ୍‌ସିଆଇଟି ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ୧୦୪ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଚିକିଟି ତହସିଲଦାର ହରପ୍ରସାଦ ଭୋଇ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଉକ୍ତ ଅନୁଷ୍ଠାନର ପ୍ରତିଷ୍ଠାତା ନୀଳମାଧ ସାହୁ କୃତୀ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଭବିଷ୍ୟତ ଗଠନ ପାଇଁ ଶୁଭେଚ୍ଛା ଦେଇଥିଲେ। ଧାନଘର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ୍ତ କୁମାର ପଟ୍ଟନାୟକ ଶିକ୍ଷାର ଗୁରୁତ୍ୱ ସହ ବୈଷୟିକ ଶିକ୍ଷା କିଭଳି ପ୍ରଯୁକ୍ତି ତଥା ନିଯୁକ୍ତିକୁ ସୁନିଶ୍ଚିତ କରାଉଛି ସେ ଦିଗରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମ ସୁନ୍ଦର ସାହୁ ପରିଚାଳନା କରିଥିଲେ। ତୋଫାନ ସାହୁ, ଆଲୋକ ସାହୁ, ତପନ ସାହୁ, ପୂଜାଶ୍ରୀ ଜେନା, ଶୁଭଶ୍ରୀ ପାଢ଼ୀ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# କନ୍ଧମାଳରେ ୧୯ ସକ୍ରିୟ କରୋନା ଆକ୍ରାନ୍ତ

**ଜିଲା ପ୍ରଶାସନ ପକ୍ଷରୁ ସଚେତନତା ଆରମ୍ଭ**

ଫୁଲବାଣୀ ଅଫିସ, ୬।୪




ଏସ୍‌ଡିପିଓ ଦୋକାନୀଙ୍କୁ ସଚେତନ କରୁଛନ୍ତି।

କନ୍ଧମାଳ ଜିଲାରେ କରୋନାର ଦ୍ୱିତୀୟ ପର୍ଯ୍ୟାୟରେ ଆକ୍ରାନ୍ତଙ୍କ ସଂଖ୍ୟା ଧିରେ ଧିରେ ବଢ଼ିବାରେ ଲାଗିଛି । ମଙ୍ଗଳବାର ସୁଦ୍ଧା ୧୯ ଜଣ ସକ୍ରିୟ ଆକ୍ରାନ୍ତ ଥିବା ସୂଚନା ମିଳିଛି। ଜିଲାରେ ସଂକ୍ରମିତ ସଂଖ୍ୟା ବଢୁଥିବାରୁ ବଜାର, ଦେକାନ, ହୋଟେଲ ଆଦି ଗହଳି ସ୍ଥାନରେ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଫୁଲବାଣୀ ତହସିଲଦାର ଦିନମଣୀ ନାୟକ, ସଦର ଏସଡ଼ିପିଓ ମହେନ୍ଦ୍ର ନାଥ ମୁର୍ମୁ, ଟାଉନ ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ପ୍ରମୁଖ ଏକ ଟିମ କରି ସଚେତନ କରୁଛନ୍ତି। ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରକ୍ଷା ଉପରେ ଜୋର ଦିଆଯାଇଛି । ଏଥିସହ ଅମାନିଆଙ୍କୁ ତାଗିଦ କରାଯାଉଛି। କୋଭିଡ ନିୟମ ଉଲ୍ଲଂଘନ କଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଉଛନ୍ତି। ଜିଲାରେ ଦଣ୍ଡଯାତ୍ରା ଆରମ୍ଭ ହୋଇଥିବାରୁ ସଂକ୍ରମଣ ବଢିବା ଆଶଙ୍କା କରାଯାଉଛି । ସମସ୍ତେ କୋଭିଡ୍ କଟକଣା ମାନି ନିଜ ଗାଁରେ ପର୍ବ ପାଳିବାକୁ ଜିଲା ପ୍ରଶାସନ ପକ୍ଷରୁ ସର୍ତକ କରାଯାଇଛି। ଅନ୍ୟପକ୍ଷରେ ଜିଲା ମଙ୍ଗଳ ଅଧିକାରୀ କରୋନା ପଜିଟିଭ ହେବା ପରେ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଏକ ପ୍ରକାର ଭୟ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଦ୍ୱାରା ଚିହ୍ନଟ ହୋଇଥିବା ସଂକ୍ରମିତ ଅଞ୍ଚଳକୁ କଣ୍ଟେନମେଣ୍ଟ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହି ଅଞ୍ଚଳରେ ଘର ଘର ବୁଲି ନମୁନା ସଂଗ୍ରହ କରିବା ଏବଂ କୌଣସି ସନ୍ଦିଗ୍ଧ ରୋଗୀଙ୍କୁ ପାଇଲେ ତୁରନ୍ତ ସେମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଏ ପର୍ଯ୍ୟନ୍ତ ୫୯୭୪ ଜଣ କରୋନାରେ ସଂକ୍ରମିତ ହୋଇଥିବା ବେଳେ ୧୯ ଜଣ ଚିକିତ୍ସାଧୀନ ଅଛନ୍ତି। ୩୩ ଜଣଙ୍କ ମୃତ୍ୟୁ ଘଟିଛି ।

## ଦୁର୍ଘଟଣାରେ ଗୁରୁତର ଇଞ୍ଜିନିୟରିଂ ଛାତ୍ରୀ ମୃତ

**ମୃତକଙ୍କ ସଂଖ୍ୟା ୨**

ବୁଗୁଡ଼ା,୬।୪(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ କରସିଂ ନିକଟରେ ସୋମବାର ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଇଞ୍ଜିନିୟରିଂ ଛାତ୍ରୀ ଫିଜା ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା। ଫିଜାଙ୍କ ୨ ସାଙ୍ଗ ପ୍ରଜ୍ଞାଜ୍ୟୋତି ଜାନି ଓ ଶାନ୍ତି ନାୟକ ଗୁରୁତର ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ କଟକ ବଡ଼ ଡାକ୍ତରଖାନାରେ ପ୍ରଜ୍ଞାଙ୍କ ମୃତ୍ୟୁ ଘଟିଛି। ଫଳରେ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି। ଶାନ୍ତି ଏବେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ଭଲ ଥିବା ଜଣାପଡିଛି।

କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଫିଜା, ଖଜୁରିପଡା ନିକଟ ରାଇଖୋଲ ଗ୍ରାମର ପ୍ରଜ୍ଞା ଓ ବୁଗୁଡ଼ା ଥାନା ଅଞ୍ଚଳର ଶାନ୍ତି ୩ ସାଙ୍ଗ ନୟାଗଡ ଜିଲା ଓଡଗାଁ ଥାନା କୋମଣ୍ଡସ୍ଥିତ ଇଞ୍ଜିନିୟର କଲେଜ ଶ୍ରୀ ପଲିଟେକନିକ ସିଭିଲ ଡିପ୍ଲୋମାର ଶେଷ ବର୍ଷର ଛାତ୍ରୀ ଥିଲେ। ସୋମବାର ପଞ୍ଚମ ସେମିଷ୍ଟାର ପରୀକ୍ଷା ସରିବା ପରେ ଜଣେ ସାଙ୍ଗର ଜନ୍ମଦିନ ପାଳି ଏକ ସ୍କୁଟିରେ ୩ ସାଙ୍ଗ ବୁଲିବାକୁ ଯାଇ ଫେରିବା ବେଳେ ବାଟରେ ସ୍କୁଟିଟି ଏକ ଗଛରେ ପିଟି ହୋଇଥିଲା। ଫଳରେ ୩ ଜଣ ଯାକ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ପ୍ରଥମେ ବୁଗୁଡ଼ା ମେଡିକାଲ ଅଣାଯାଇଥିଲା। ସେଠାରେ ଫିଜାକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ପ୍ରଜ୍ଞା ଓ ଶାନ୍ତିଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଥିଲା। ପ୍ରଜ୍ଞାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁରରୁ ପ୍ରଥମେ ଭୁବନେଶ୍ୱର ଏମସ ଓ ପରେ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବୁଗୁଡ଼ା ପୋଲିସ ନଂ.୧୫୩/୨୧ରେ ଏକ ମାମଲା ରୁଜୁ କରିଛି।

# ମାସେ ପରେ ବି ପରିଚୟ ଅସ୍ପଷ୍ଟ

- ରେଳଧାରଣା କଡ଼ରୁ ଶିଶୁ ମୁଣ୍ଡ, ଗଣ୍ଡି ଉଦ୍ଧାର ଘଟଣା
- ମାମଲା ସ୍ଥାନାନ୍ତର ପାଇଁ ଏସ୍‌ପିଙ୍କୁ ଚିଠି

ବ୍ରହ୍ମପୁର ଅଫିସ,୬।୪

ବ୍ରହ୍ମପୁର ସରକାରୀ ରେଳବାଇ (ଜିଆରପି) ଥାନା ଅନ୍ତର୍ଗତ ଗଞ୍ଜାମ ଖାରିନାଳ ବଡ଼ଶଙ୍ଖ ବ୍ରିଜ୍ ତଳୁ ଉଦ୍ଧାର ମୁଣ୍ଡ, ଗଣ୍ଡି ଅଲଗା ହୋଇଥିବା ଦେଢ଼ବର୍ଷର ଶିଶୁର ପରିଚୟ ଏବେ ବି ସ୍ପଷ୍ଟ ହୋଇପାରି ନାହିଁ। ଘଟଣାର ମାସକ ପରେ ମଧ୍ୟ ମୃତ ଶିଶୁର କେହି ଦାବିଦାର ନାହାନ୍ତି। ଅନ୍ୟପଟେ ମୃତ ଶିଶୁର କୌଣସି ସମ୍ପର୍କୀୟ ମିଳୁ ନ ଥିବାରୁ ବ୍ରହ୍ମପୁର ଜିଆରପିର ଏକ ଟିମ୍ ଆନ୍ଧ୍ର ଯାଇ ଖାଲି ହାତରେ ଫେରିଛି। ଶିଶୁର ଫଟୋ ଧରି ଆନ୍ଧ୍ରର ବିଭିନ୍ନ ରେଳବାଇ ଥାନାରେ ନିଖୋଜ ମାମଲା ଯାଞ୍ଚ କରାଯାଇଛି। ଜିଆରପି ଟିମ୍ ବିଶାଖାପାଟଣାର ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଏହି ଟିମ୍‌କୁ ଶିଶୁ ସମ୍ପର୍କରେ ସେମିତି କୌଣସି ସୂଚନା ମିଳି ନ ଥିବା ଜଣାପଡ଼ିଛି। ଅନ୍ୟପଟେ ଘଟଣାର ତଦନ୍ତ ଏବଂ ସାଇଣ୍ଟିଫିକ୍ ଅଫିସରଙ୍କ ରିପୋର୍ଟକୁ ଆଧାର କରି ରେଳଧାରଣାରେ ଏହି ଘଟଣା ଘଟି ନ ଥିବା ଜିଆରପି ପୋଲିସ ସ୍ପଷ୍ଟ କରିଛି। ଏହାକୁ ଆଧାର କରି ଉକ୍ତ ମାମଲା ତଦନ୍ତ ପାଇଁ ସ୍ଥାନୀୟ ଥାନାକୁ ସ୍ଥାନାନ୍ତର କରିବାକୁ ଜିଆରପି ପୋଲିସ ବିଭାଗୀୟ ଏସ୍‌ପିଙ୍କୁ ଚିଠି ଲେଖିଥିବା ଥାନାଧିକାରୀ ଜ୍ୟୋତି ପ୍ରକାଶ ନାୟକ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗଞ୍ଜାମ ଥାନା ଅନ୍ତର୍ଗତ ଖାରିନାଳ ବଡ଼ଶଙ୍ଖ ନିକଟସ୍ଥ ରେଳ ବ୍ରିଜ୍ ତଳେ ମାର୍ଚ୍ଚ ୪ ତାରିଖରେ ଏକ ଶିଶୁର ମୁଣ୍ଡ ଓ ଗଣ୍ଡି ଅଲଗା ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଶିଶୁକୁ ବଳି ଦିଆଯାଇଥିବା ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଥିଲା। ବରିଷ୍ଠ ପୋଲିସ ଅଧିକାରୀ ଓ ଜିଆରପି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।

## ଗଞ୍ଜେଇ ବୋଝେଇ କାର ଜବତ, ୨ ଗିରଫ

ଦିଗପହଣ୍ଡି,୬।୪(ଡି.ଏନ୍.ଏ.)

ଦିଗପହଣ୍ଡି - ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ମୌଳାଭଣଜା ବ୍ରିଜ ନିକଟରୁ ଦିଗପହଣ୍ଡି ପୋଲିସ ମଙ୍ଗଳବାର ଏକ ଗଞ୍ଜେଇ ବୋଝେଇ କାର ଜବତ କରିଛି। ରାତ୍ରି କାଳୀନ ପାଟ୍ରୋଲିଂ ସାରି ପୋଲିସ ଟିମ ଥାନାକୁ ଫେରୁଥିବା ବେଳେ ପାଟପୁର ଥାନା କଂସମାରୀ ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଯାଉଥିବା କାର୍ ନଂ.(ଓ ଡି ୦୨ ପି - ୨୬୭୨)କୁ ଅଟକାଇଥିଲା। ଯାଞ୍ଚ କରିବାରୁ ସେଥିରେ ୧୧୭ କେ.ଜି ଗଞ୍ଜେଇ ଥିବା ଜଣାପଡିଥିଲା। ମାମଲା ନଂ. ୮୧/୨୧ ଅନୁଯାୟୀ ପୋଲିସ କଂସମାରୀ ଗ୍ରାମର ସୁଦର୍ଶନ ଦୋରା ଓ ପାଟପୁର ଥାନା କତାପଲ୍ଲୀର ଗାଡି ଚାଳକ ତଥା କାର ମାଲିକ ରଞ୍ଜିତ ଗୌଡ଼ଙ୍କୁ ଗିରଫ କରିଛି। ବୁଧବାର ଉଭୟଙ୍କୁ କୋର୍ଟକୁ ଚାଲାଣ କରାଯିବ।

## ରାମେଶ୍ୱର ସ୍ପୋର୍ଟିଂ କ୍ଲବ, ପାନାସୋନିକ ଆସ୍କା ବିଜୟୀ

**ଜିଲାସ୍ତରୀୟ ଇଣ୍ଟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟ**

ବ୍ରହ୍ମପୁର ଅଫିସ,୬।୪

ଗଞ୍ଜାମ ଜିଲା କ୍ରିକେଟ ସଂଘ ପକ୍ଷରୁ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ଖେଳପଡ଼ିଆ ଓ ଏସ୍‌ଏମ୍‌ଆଇଟି ଆଙ୍କୁଶପୁର ଖେଳପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ଇଣ୍ଟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ରୟାଲ ସ୍ପୋର୍ଟିଂ କ୍ଲବ ବ୍ରହ୍ମପୁର ଓ ପାନାସୋନିକ ଆସ୍କା ଏବଂ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ବ୍ରହ୍ମପୁର ଓ ବିନାୟକ ଆଚାର୍ଯ୍ୟ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ନିର୍ଦ୍ଧାରିତ ଓଭରରେ ରୟାଲ ସ୍ପୋର୍ଟିଂ କ୍ଲବ ୧୨୪ ରନ ସଂଗ୍ରହ କରିଥିବା ବେଳେ ଦ୍ୱିତୀୟ ଇନିଂସ୍‌ରେ ପାନାସୋନିକ ଆସ୍କା ୨ଉଇକେଟରେ ୧୨୫ ରନ କରି ୮ ଉଇକେଟରେ ବିଜୟୀ ହୋଇଛି। ସେହିଭଳି ଏସ୍‌ଏମ୍‌ଆଇଟି ଖେଳ ପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ନିର୍ଦ୍ଧାରିତ ଓଭରରେ ୪୪୬ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସରେ ବିନାୟକ ଆଚାର୍ଯ୍ୟ କ୍ରିକେଟ କ୍ଲବ ମାତ୍ର ୧୨୪ ରନରେ ସମସ୍ତ ଉଇକେଟ ହରାଇଥିଲା। ରାମେଶ୍ୱର ସ୍ପୋର୍ଟିଂ କ୍ଲବର କାଳିଆ ସାହୁ ଓ ସୋମନାଥ ପ୍ରଧାନ ସର୍ବାଧିକ ୧୫୦ ଓ ୧୪୪ ରନ କରିଥିଲେ। ଏଥିରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ୩୨୨ ରନରେ ବିଜୟୀ ହୋଇଛି। ସେହିପରି ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଥିବା ମଙ୍ଗଳବାର ମ୍ୟାଚ ବାତିଲ ହୋଇଛି। ମ୍ୟାଚରେ ଦେବବ୍ରତ ଦେବ, ସରୋଜ ପାଢ଼ୀ, ସୁଶାନ୍ତ ପଣ୍ଡା ଓ ସାନୁ ମିଶ୍ର ଅମ୍ପାୟର ଭାବେ କ୍ରୀଡ଼ା ପରିଚାଳନା କରିଥିଲେ।

## ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକସଭା



ଶୋକସଭାରେ ଶିକ୍ଷାନୁଷ୍ଠାନ କର୍ମଚାରୀ ବୃନ୍ଦ।

ବ୍ରହ୍ମପୁର ଅଫିସ,୬।୪

ଗଞ୍ଜାମ ଜିଲାର ବିଶିଷ୍ଟ ଶିକ୍ଷାବିତ୍ ଏସ୍.ଶିବପ୍ରସାଦ ରାଓଙ୍କ ଅକାଳ ବିୟୋଗରେ ହିଲ୍‌ପାଟଣା ସ୍ଥିତ ଏସ୍‌ଏମ୍‌ଆଇଟିରେ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ରାଓ ଦୀର୍ଘ ଦିନ ଧରି ଏସ୍‌ଏମ୍‌ଆଇଟି ଅନୁଷ୍ଠାନରେ କାର୍ଯ୍ୟ କରିଥିଲେ। ଅବସର ଗ୍ରହଣ ପରେ ସେ ସମାଜସେବାରେ ନିୟୋଜିତ ଥିଲେ। ଶିକ୍ଷାନୁଷ୍ଠାନର ଉନ୍ନତି କ୍ଷେତ୍ରରେ ସ୍ୱର୍ଗତ ରାଓଙ୍କ ଯଥେଷ୍ଟ ଅବଦାନ ଥିଲା। ଏହି ଶୋକସଭାରେ ଶିକ୍ଷାନୁଷ୍ଠାନ ସଭାପତି ଡ.ଭଗବାନ ଗନ୍ତାୟତ, ସମ୍ପାଦକ ଜାମୁଲା ଶଙ୍କର ନାରାୟଣ, ପ୍ରଶାସନିକ ଅଧିକାରୀ ବିନାୟକ ପାତ୍ର, ରବି ପଟ୍ଟନାୟକ, ଶ୍ରଦ୍ଧାରାଣୀ ଦାସ, କେଦାରନାଥ ଦାସ, ବିଜୟ ଚନ୍ଦ୍ର ଚୌଧୁରୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଡୁରା ନ୍ୟାଶନାଲ ହାଇସ୍କୁଲ ପରିଦର୍ଶନ



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ।

ଗୋପାଳପୁର,୬।୪

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଅପରାହ୍ନରେ ଡୁରା ନ୍ୟାଶନାଲ ହାଇସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତା ପଟ୍ଟନାୟକ, ଶିକ୍ଷକ ବି.ଏରେୟା ରେଡ୍ଡୀ, ସ୍ଥାନୀୟ ସରପଞ୍ଚ ବିଦ୍ୟାଳୟର ସ୍ମାର୍ଟ କ୍ଲାସ, ଖେଳପଡିଆର ଉନ୍ନତିକରଣ, ବାର୍ଷିକ ଉତ୍ସବ ପାଇଁ ମଣ୍ଡପ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ବିଦ୍ୟାଳୟର ସ୍ୱଚ୍ଛତା, ଔଷଧୀୟ ବଗିଚା ଆଦି ପରିଦର୍ଶନ କରି ଶିକ୍ଷାର ବିକାଶ ପାଇଁ ଏହିଭଳି ଆବଶ୍ୟକତା ରହିବା ଦରକାର ବୋଲି କହିଥିଲେ। ଏହି ସ୍କୁଲକୁ ମୋଡେଲ ସ୍କୁଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରିଦର୍ଶନ ବେଳେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ.ପ୍ରଭାତୀ ମହାପାତ୍ର, ଭାରପ୍ରାପ୍ତ ବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ସରପଞ୍ଚ କେ.ସୁଜତା ରେଡ୍ଡୀ, ସିଆର୍‌ସିସି ଅମର କୁମାର ବେହେରା, ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନୁରାଧା ରଥ, ପ୍ରଣତି ପାଣିଗ୍ରାହୀ, ଅମିତା ରାଣୀ ସାହୁ, ଅନିତା ମିଶ୍ର, ବିଷ୍ଣୁ ପ୍ରିୟା ସାହୁ, ଗୀତାଞ୍ଜଳି ପଣ୍ଡା, ନିର୍ମଳା ଦାସ, ମୁନି ବିଷୋୟୀ, ଶାନ୍ତି ଲତା ସାହୁ, ଲାବଣ୍ୟମୟି ଦାସ, ମିନତି ପାଢ଼ୀ, ଚିତ୍ତ ରଞ୍ଜନ ମିଶ୍ର, ଚନ୍ଦ୍ର କଳ୍ପେଶ୍ୱର ସାହୁ, ହରି ପ୍ରିୟା ପ୍ରମୁଖ ଉପସ୍ଥିତ ଥିଲେ।

**OFFICE OF THE PANCHAYAT SAMITI, JHUMPURA**

No. 896 Date: 26.03.2021

**Detailed Tender Call Notice No. 03/BDO, Jhumpura 2020-21**

No. i-01: The Block Development Officer, Jhumpura invites sealed percentage rate tenders in a Single Cover System on behalf of Govt. of Odisha from registered and eligible class of civil contractor of the State PWD(R&B)/Water Resources/Rural Works/MI/CPWD for the following works eventually to be drawn up in the PWD F-2 forms in conformity with the Detailed Tender Call Notice.

| Sl. No. | Name of the Work with Location | Scheme | Est. Cost in Rupees | Amount Put to Tender in Rs. | EMD to be Deposited in Rs. | Cost of Tender Document in Rs. | Class of Contractor | Time of Completion |
|---|---|---|---|---|---|---|---|---|
| 1 | Construction of Science Lab Room at O.A.V. Khendra under Khendra G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 2 | Construction of Science Lab Room at Naradapur High School under Naradapur G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 3 | Construction of Science Lab Room at Jhumpura High School under Jhumpura G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 4 | Construction of Science Lab Room at Balibandha High School under Balibandha G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 5 | Construction of Science Lab Room at Gummura High School under Gummura G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 6 | Construction of Science Lab Room at Ukhunda High School under Ukhunda G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 7 | Construction of Science Lab Room at Dhabaleswar High School Kalinga, under Chouthia G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 8 | Construction of Science Lab Room at C.B. High School Chouthia under Chouthia G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 9 | Construction of Addl. Class Room of Rasabantala High School under Tukudia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 10 | Construction of Addl. Class Room of Gumura High School under Gumura G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 11 | Construction of Addl. Class Room of Ukhunda High School under Ukhunda G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 12 | Construction of Addl. Class Room at Balibandha High School Unit 1 under Balibandha G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 13 | Construction of Addl. Class Room at Balibandha High School Unit II under Balibandha G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 14 | Construction of Addl. Class Room at C.B. High School, Chouthia Unit I under Chouthia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 15 | Construction of Addl. Class Room at C.B. High School, Chouthia Unit II under Chouthia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 16 | Construction of Addl. Class Room at Naradpur High School Unit I under Naradpur G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 17 | Construction of Addl. Class Room at Naradpur High School Unit II under Naradpur G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |

**Terms and Conditions**

1. The last date of receipt of Tender paper is Dt.19.04.2021 upto 01.00 PM.
2. The term and conditions of the tenders is available in D.T.C.N. (Detailed Tender Call Notice) available in the office notice board No.- 891/date 26.03.2021
3. Cost of tender paper: The tender specification can be obtained from the office of the Block Development Officer, Jhumpura on payment towards the cost of Tender papers as mentioned above (Non refundable) in shape of bank draft or demand draft only (no other modes will be entertained) drawn in favour of Block Development Officer, Jhumpura in any nationalized bank having its branch at Jhumpura on any working day from 05.04.2021 to 19.04.2021 for the above work.
4. For more details please visit **www.keonjhar.nic.in.**

OIPR-19108/11/0001/2122 Sd./- Block Development Officer, Jhumpura

